# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ

( କଟକ ଜିଲ୍ଲା ନରସିଂହପୁର ତହସିଲ ଅନ୍ତର୍ଗତ ବୁରୁଷ, ସିମ୍ମିଳିବୋଳ, ଗୁପ୍ତମାଣିକ ଓ ଓଲବ ମୌଜା ରେ ହାଡୁଆ ଜଳସେଚନ ପ୍ରକଳ୍ପ ର ଜଳଭଣ୍ଡାର ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମ୍ପର୍କେ )

## ବୈଧାନିକ ବ୍ୟବସ୍ଥା:

ହାଡୁଆ ଜଳସେଚନ ପ୍ରକଳ୍ପ ର ଜଳଭଣ୍ଡାର ନିର୍ମାଣ ପାଇଁ କଟକ ଜିଲ୍ଲାର ନରସିଂହପୁର ତହସିଲ ଅନ୍ତର୍ଗତ ମୌଜା- ବୁରୁଷ ସିମିଳିବୋଳ, ଗୁପ୍ତମାଣିକ ଓ ଓଲବ ଅନ୍ତର୍ଭୁକ୍ତ ଏ ୧୬୮.୨୯୦ ଡ଼ିସିମିଲି ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର, କଟକ ଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ୍ ସମ୍ପର୍କରେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

## ଅଧିସୂଚନା

| କ୍ର. ନଂ. | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧. | ନରସିଂହପୁର | ବୁରୁଷ<br>ସିମିଳିବୋଳ<br>ଗୁପ୍ତମାଣିକ<br>ଓଲବ | ୪୮.୧୯୦<br>୨୭.୫୬୦<br>୮୯.୭୩୦<br>୨.୮୧୦ | ୨୮୦୯୦<br>ତା. ୧୬.୦୯.୨୦୨୧ |
| ମୋଟ | | | ୧୬୮.୨୯୦ | |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:

ଓଡ଼ିଶା ସରକାରଙ୍କ ଉପୋରୋକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ 'ନବକୃଷ୍ଣ ଚୌଧୂରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡ଼ିଜ୍ (ଏନ. ସି. ଡ଼ି ଏସ୍.) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍ ପଶ୍ଚାତ, ନବକୃଷ୍ଣ ଚୌଧୂରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡ଼ିଜ୍' ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟସ(ଆର. ଏ. ସି.) ଭୁବନେଶ୍ୱରଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡ଼ି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍. ଆଇ. ଏମ୍. ପି.) ମଧ ପ୍ରସ୍ତୁତି କରିଛନ୍ତି ।

ଜନଶୁଣାଣି (ଧାରା-୫)

ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ଜନଶୁଣାଣିର ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ସିମିଳିବୋଳ ଓ ଓଲବ ମୌଜାର ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ପାଇଁ ସିମିଳିବୋଳ ଗ୍ରାମରେ ତା ୧୫.୧୨.୨୦୨୧ ରିଖ ଏବଂ ଗୁପ୍ତମାଣିକ ଓ ବୁରୁଷ ମୌଜାର ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ପାଇଁ ଗୁପ୍ତମାଣିକ ଗ୍ରାମରେ ତା ୨୨.୧୨.୨୦୨୧ ରିଖ ଦିନ ଜନଶୁଣାଣି ବୈଠକ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିର ବିଶଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ପ୍ରସ୍ତାବିତ ଜମିକୁ ଜଳ ସମ୍ପଦ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ତା ୧୫.୧୨.୨୦୨୧ ରିଖ ଦିବା ୧ ଘଟିକା ସମୟରେ ଓ ତା ୨୨.୧୨.୨୦୨୧ ରିଖ ଦିବା ୧ ଘଟିକା ସମୟରେ ଯଥାକ୍ରମେ ସିମିଳିବୋଳ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଓ ଗୁପ୍ତମାଣିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲା ପ୍ରଶାସନ ଓ ପ୍ରକଳ୍ପ ରୂପାୟନକାରୀ (ଆର. ଏ. ସି.) ତରଫରୁ ଜନଶୁଣାଣି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜନଶୁଣାଣିରେ ଉପଜିଲ୍ଲାପାଳ,ଆଠଗଡ, ମୁଖ୍ୟ ଯନ୍ତ୍ରୀ ଓ ଅବବାହିକା ପରିଚାଳକ,ବ୍ରାହ୍ମଣୀ ଅବବାହିକା,ସମଲ, ତହସିଲଦାର, ନରସିଂହପୁର, ଅଧିକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର , ଏ. ସି. ଏଫ, ଆଠଗଡ ବନଖଣ୍ଡ, ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ , ହାଡୁଆ ଜଳସେଚନ ପ୍ରକଳ୍ପ , ସମ୍ପାଦକ, ଆର. ଏ. ସି. , ସରପଞ୍ଚ, ଓଲବ ଗ୍ରାମ ପଞ୍ଚାୟତ ଏବଂ ସମିତି ସଭ୍ୟ, ଓଲବ ଗ୍ରାମ ପଞ୍ଚାୟତ ଉପସ୍ଥିତ ଥିଲେ ।

ତା ୧୫.୧୨.୨୦୨୧ ରିଖ ଜନଶୁଣାଣି କାର୍ଯ୍ୟରେ ସମ୍ପାଦକ, ଆର. ଏ. ସି. ସ୍ୱାଗତ ଭାଷଣ ଦେବା ସହିତ ଏହି ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ତତପରେ ସଂଯୋଜକ, ଆର. ଏ. ସି. ଡ୍ରାଫ୍ଟ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଥିଲେ ଓ ପ୍ରଭାବିତ ତଥା ଅଣପ୍ରଭାବିତ ବ୍ୟକ୍ତିମାନଙ୍କର ମତାମତ ଉପରେ ଆଲୋକପାତ କରିଥିଲେ । ତତପରେ ଉପଜିଲ୍ଲାପାଳ,ଆଠଗଡ ଏବଂ ତହସିଲଦାର, ନରସିଂହପୁର ହାଡୁଆ ଜଳସେଚନ ପ୍ରକଳ୍ପ ର ଉପକାରିତା ବିଷୟରେ ଆଲୋକପାତ କରିଥିଲେ ଏବଂ ପ୍ରଭାବିତ ବ୍ୟକ୍ତିମାନଙ୍କ ଠାରୁ ଅଭିଯୋଗ ଆହ୍ୱାନ କରିଥିଲେ। ଅଧିକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର ହାଡୁଆ ଜଳସେଚନ ପ୍ରକଳ୍ପ ସମ୍ବନ୍ଧ ରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ଆଇନ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବା ତଥା କ୍ଷତିପୂରଣ ପ୍ରଦାନ କରାଯିବା ନିମନ୍ତେ ଆଶ୍ୱାସନା ଦେଇଥିଲେ। କିଛି ପ୍ରଭାବିତ ବ୍ୟକ୍ତି ନିଜର ସମସ୍ତ ଚାଷ ଜମି ଜଳମଗ୍ନ ହେବାର ଆଶଙ୍କା ଥିବାରୁ ସେମାନଙ୍କର ଜୀବିକା ନିର୍ବାହ ନିମନ୍ତେ ନିକଟସ୍ଥ ଗୋଡିବନ୍ଧ ଗ୍ରାମରେ ସେମାନଙ୍କୁ ଥଇଥାନ କରାଇବା ନିମନ୍ତେ ପ୍ରକାଶ କରିଥିଲେ, ଆଉ କିଛି ପ୍ରଭାବିତ ବ୍ୟକ୍ତି ସେମାନଙ୍କୁ ଅନ୍ୟତ୍ର ଚାଷଜମି ପ୍ରଦାନ ନିମନ୍ତେ ପ୍ରକାଶ କରିଥିଲେ । ଓଲବ ଏବଂ ସିମିଳିବୋଳ ଗ୍ରାମର ଅନ୍ୟ କିଛି ବ୍ୟକ୍ତି ଜଳଭଣ୍ଡାର ନିର୍ମାଣ ପରେ ବନ୍ୟ ଜନ୍ତୁ ମାନଙ୍କର ଅବାଧ ଗମନାଗମନ ର ସଂଭାବନା ଓ ଏହା ଜନିତ ଚାଷ ରେ କ୍ଷୟକ୍ଷତି କୁ ଏଡାଇବା ପାଇଁ ସରକାର ଉଚିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କଟକ ଉକ୍ତ ଜନଶୁଣାଣୀ ପ୍ରକ୍ରିୟା ର ସୁସଂପାଦନା ନିମନ୍ତେ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ହାଡୁଆ ଜଳସେଚନ ପ୍ରକଳ୍ପ ଦ୍ୱାରା ରୋଜଗାର, ଜୀବନ ଜୀବିକା ଓ ଆତ୍ମନିଯୁକ୍ତି ଭିତ୍ତିକ ଉପାଦେୟତା ସମ୍ବନ୍ଧ ରେ ସ୍ୱଷ୍ଟ ଅଭିବ୍ୟକ୍ତି ରଖିଥିଲେ।

ତା ୨୨.୧୨.୨୦୨୧ ରିଖ ଜନଶୁଣାଣି କାର୍ଯ୍ୟରେ ସମ୍ପାଦକ, ଆର. ଏ. ସି. ସ୍ୱାଗତ ଭାଷଣ ଦେବା ସହିତ ଏହି ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ତତପରେ ସଂଯୋଜକ, ଆର. ଏ. ସି. ଡ୍ରାଫ୍ଟ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଥିଲେ ଓ ପ୍ରଭାବିତ ତଥା ଅଣପ୍ରଭାବିତ ବ୍ୟକ୍ତିମାନଙ୍କର ମତାମତ ଉପରେ ଆଲୋକପାତ କରିଥିଲେ । ତତପରେ ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ , ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର ପ୍ରଭାବିତ ବ୍ୟକ୍ତିମାନଙ୍କ ଠାରୁ ଅଭିଯୋଗ ଆହ୍ୱାନ କରିଥିଲେ ଏବଂ ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ଅନୁଯାୟୀ ସମସ୍ତ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । କିଛି ପ୍ରଭାବିତ ବ୍ୟକ୍ତି ନିଜର ସମସ୍ତ ଚାଷ ଜମି ଜଳମଗ୍ନ ହେବାର ଆଶଙ୍କା ଥିବାରୁ ସେମାନଙ୍କର ଜୀବିକା ନିର୍ବାହ ନିମନ୍ତେ ନିକଟସ୍ଥ ଗୋଡିବନ୍ଧ ଗ୍ରାମରେ ଥଇଥାନ କରାଯିବା ନିମନ୍ତେ ପ୍ରକାଶ କରିଥିଲେ, ସରପଞ୍ଚ ଓଲବ ଗ୍ରା. ପ. ତଥା ଆଉ କିଛି ପ୍ରଭାବିତ ବ୍ୟକ୍ତି ସେମାନଙ୍କ ଆଂଶିକ ଚାଷଜମି ପରିବର୍ତ୍ତେ ସମ୍ପୂର୍ଣ ଚାଷ ଜମି ଅଧିଗ୍ରହଣ କରାଯାଇ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ପ୍ରକାଶ କରିଥିଲେ ଓ ଉକ୍ତ ସ୍ଥାନରେ ପର୍ଯ୍ୟଟନ ର ବିକାଶ ନିମନ୍ତେ ସରକାର ପଦକ୍ଷେପ ନେବା ନିମନ୍ତେ ପ୍ରକାଶ କରିଥିଲେ । ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଅନୁଗୁଳ ଜଳସେଚନ ମଣ୍ଡଳ ତଥା ଅତିରିକ୍ତ ଦାୟିତ୍ୱରେ ଅଧିକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର ହାଡୁଆ ଜଳସେଚନ ପ୍ରକଳ୍ପ ସମ୍ବନ୍ଧ ରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ଆଇନ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବା ତଥା କ୍ଷତିପୂରଣ ପ୍ରଦାନ କରାଯିବା ନିମନ୍ତେ ଆଶ୍ୱାସନା ଦେଇଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କଟକ ଉକ୍ତ ଜନଶୁଣାଣୀ ପ୍ରକ୍ରିୟା ର ସୁସଂପାଦନା ନିମନ୍ତେ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ହାଡୁଆ ଜଳସେଚନ ପ୍ରକଳ୍ପ ଦ୍ୱାରା ରୋଜଗାର, ଜୀବନ ଜୀବିକା ଓ ଆତ୍ମନିଯୁକ୍ତି ଭିତ୍ତିକ ଉପାଦେୟତା ସମ୍ବନ୍ଧ ରେ ସ୍ପଷ୍ଟ ଅଭିବ୍ୟକ୍ତି ରଖିଥିଲେ।

<u>ପ୍ରକାଶନ ଧାରା – ୬</u>

ସିମିଳିବୋଲ ଓ ଗୁପ୍ତମାଣିକ ମୌଜାରେ ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା-୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଅଛି । ଏତଦ ବ୍ୟତୀତ ଏହା ୱେବସାଇଟରେ ଅପଲୋଡ କରିବା ନିମନ୍ତେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଜୟ ପରିଚାଳନା ବିଭାଗକୁ ଚିଠି ସଂଖ୍ୟା ୫୩, ତା ୦୨.୦୩.୨୦୨୨ ପ୍ରେରଣ କରାଯାଇଅଛି ।

**ଆଇନର ଧାରା-୭ ଉପଧାରା-୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ଅଧୟନର ମୂଲ୍ୟାୟନ ଓ ସୁପାରିଶ:-**

ସଠିକ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ର ଧାରା-୭ ଉପଧାରା-୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"ଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡ଼ାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୁଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି।

ଉକ୍ତ ଆଇନ ର ଧାରା-୭ ଉପଧାରା-୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ 'ବିଶେଷଜ୍ଞ ଦଳ' ଗଠନ କରାଯାଇଅଛି ।

<u>ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ</u>

୧. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ଫ୍ରିଲାନ୍ସ ଡେଭଲପମେଣ୍ଟ କନସଲଟାଣ୍ଟ, ସାମାଜିକ ବିଶେଷଜ୍ଞ

୨. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଯୋଷି, ଆଡ଼ଭୋକେଟ, ସାମାଜିକ ବିଶେଷଜ୍ଞ

୩. ସରପଞ୍ଚ, ଓଲବ ଗ୍ରାମ ପଞ୍ଚାୟତ

୪. ୱାର୍ଡ଼ ସଭ୍ୟ, ଗ୍ରାମ- ଗୁପ୍ତମାଣିକ

୪. ୱାର୍ଡ଼ ସଭ୍ୟ, ଗ୍ରାମ- ଗୁପ୍ତମାଣିକ

୫. ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୬. ଶ୍ରୀଯୁକ୍ତ କଣ୍ଠରାମ ମାଝୀ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ., ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୭. ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ରଥ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ,ପୂର୍ବାଞ୍ଚଳ ଶାଖା-୧, କଟକ, ଜଳ ସମ୍ପଦ ବିଭାଗ, ପ୍ରକଳ୍ପ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ ଙ୍କୁ ଉକ୍ତ ଆଇନ ର ଧାରା-୭ ଉପଧାରା-୩ ଅନୁସାରେ ଦଳର ଅଧ୍ୟକ୍ଷ ରୂପେ ମନୋନୟନ କରାଯାଇଅଛି ।

<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ</u>

ଆଇନର ଧାରା-୭ ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା: ୧୫-୦୩-୨୦୨୨ ରିଖ ଦିବା ୧.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କଟକ ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯାଇଥିଲା । ଅତିରିକ୍ତ-ଜିଲ୍ଲାପାଳ (ରାଜସ୍ୱ), କଟକ ଉକ୍ତ ବୈଠକରେ ଉପସ୍ଥିତ ରହିଥିଲେ ।

ଏଥିରେ ଶ୍ରୀ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ ତଥା ଦଳର ଅଧ୍ୟକ୍ଷ ପୌରୋହିତ କରିଥିଲେ ଏବଂ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୨. ଶ୍ରୀଯୁକ୍ତ କଣ୍ଠରାମ ମାଝୀ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ., ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୩. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ଫ୍ରିଲାନ୍ସ ଡେଭଲପମେଣ୍ଟ କନସଲଟାଣ୍ଟ, ସାମାଜିକ ବିଶେଷଜ୍ଞ

୪. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଯୋଷି, ଆଡ଼ଭୋକେଟ, ସାମାଜିକ ବିଶେଷଜ୍ଞ

୫. ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ରଥ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ,ପୂର୍ବାଞ୍ଚଳ ଶାଖା-୧, କଟକ, ଜଳ ସମ୍ପଦ ବିଭାଗ, ପ୍ରକଳ୍ପ ବିଶେଷଜ୍ଞ

୬. ଶ୍ରୀମତୀ ଲିଲି ବେହେରା, ସରପଞ୍ଚ, ଓଲବ ଗ୍ରାମ ପଂଚାୟତ

୭. ଶ୍ରୀ ବିଜୟ କୁମାର ଜାନୀ, ନାୟବ ସରପଞ୍ଚ, ଓଲବ ଗ୍ରାମ ପଂଚାୟତ

୮. ଶ୍ରୀମତୀ ସଂଗୀତା ବେହେରା, ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର

୯. ଶ୍ରୀଯୁକ୍ତ ବିପିନ ବିହାରୀ ସାହୁ , ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଅନୁଗୁଳ ଜଳସେଚନ ମଣ୍ଡଳ ତଥା ଅତିରିକ୍ତ ଦାୟିତ୍ୱ ଅଧିକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ

୧୦.ସୁଶ୍ରୀ ମୃଣାଳୀ ମହାନ୍ତି, ସହକାରୀ ଜିଲ୍ଲାପାଳ, ଭୂ-ଅର୍ଜନ ବିଭାଗ

୧୧. ଶ୍ରୀଯୁକ୍ତ ହୃଷୀକେଶ ଦାଶ, ପ୍ରକଳ୍ପ ସଂଯୋଜକ, ଆର. ଏ. ସି.

୧୨. ଶ୍ରୀଯୁକ୍ତ ଦୀପକ କୁମାର ଦାଶ, ସଂଯୋଜକ, ଆର. ଏ. ସି.

୧୩. ଶ୍ରୀଯୁକ୍ତ ଗଙ୍ଗାଧର ବେହେରା, ପୂର୍ବତନ ସରପଞ୍ଚ, ଓଲବ ଗ୍ରାମ ପଂଚାୟତ

୧୪. ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାରଣ୍ଡୀ, ସହକାରୀ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ

୧୫. ଶ୍ରୀ ମିଲୁ ପୃଷ୍ଟି, ସହକାରୀ ନିର୍ବାହୀ ଯନ୍ତ୍ରୀ

ବୈଠକର ପ୍ରାରମ୍ଭରେ ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ହାଡୁଆ ଜଳସେଚନ ପ୍ରକଳ୍ପ ଉପସ୍ଥିତ ଥିବା ସମସ୍ତ ସରକାରୀ ଅଧିକାରୀ ବୃନ୍ଦ ଓ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ ।

ଏହାପରେ ପ୍ରକଳ୍ପ ସଂଯୋଜକ, ଆର.ଏ.ସି. ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟ ଉପରେ ନିଜରେ ବକ୍ତବ୍ୟ ରଖିଥିଲେ । ତତପରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଅନୁଗୁଳ ଜଳସେଚନ ମଣ୍ଡଳ ତଥା ଅଧିକ୍ଷଣ ଯନ୍ତ୍ରୀ, , ହାଡୁଆ ଜଳସେଚନ ବିଭାଗ ପ୍ରକଳ୍ପ ସମନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ । ତତପରେ ବୈଠକରେ ହାଡୁଆ ଜଳସେଚନ ପ୍ରକଳ୍ପର ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଶେଷଜ୍ଞ ଦଳ ର ସମସ୍ତ ସଦସ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଭାବିତ ଗ୍ରାମମାନଙ୍କର ଭିତ୍ତିଭୂମି, ଜନଶୁଣାଣିର ସାରାଂଶ, କ୍ଷତିଗ୍ରସ୍ତ ପରିବାରଙ୍କ ଜୀବନ ଜୀବିକା, ଅଧିଗ୍ରହଣ ହେବାକୁ ଥିବା ବ୍ୟକ୍ତିଗତ ଜମି ସମସ୍ୟା, କ୍ଷତିଗ୍ରସ୍ତ ହେଉଥିବା ସରକାରୀ ଅନୁଷ୍ଠାନ, କୋଠାବାଡି, ରାସ୍ତା, ଜଳାଶୟ ଏବଂ ବିସ୍ଥାପିତ ହେଉଥିବା ପରିବାରଙ୍କ ସ୍ଥିତି ନେଇ ଆଲୋଚନା ହୋଇଥିଲା ।

ପରିଶେଷରେ ବୈଠକର ପୌରୋହିତ କରୁଥିବା ବିଶେଷଜ୍ଞ ଦଳର ଅଧକ୍ଷ ଜମି ଅଧିଗ୍ରହଣ ତଥା ବିସ୍ଥାପିତ ଓ ଥଇଥାନ ଆଇନର ବିଭିନ୍ନ ଧାରା ଓ ଉପଧାରା ଅନୁସାରେ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ପ୍ରତ୍ୟକ ପରିବାରଙ୍କ ସମସ୍ୟା ଦୂର କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ</u>

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

କଟକ ଜିଲ୍ଲା ନରସିଂହପୁର ତହସିଲ ରେ ହାଡୁଆ ଜଳସେଚନ ପ୍ରକଳ୍ପ ର ଡ୍ୟାମ ଓ ଜଳଭଣ୍ଡାର ନିର୍ମାଣ ର ସମ୍ପୂର୍ଣ ଡିଜାଇନ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଏହି ତହସିଲ ଅନ୍ତର୍ଗତ ବୁରୁଷ, ସିମିଳିବୋଳ, ଗୁପ୍ତମାଣିକ ଓ ଓଲବ ମୌଜା ର ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜନବସତି ବିସ୍ଥାପନକୁ ଯେପରି ସର୍ବନିମ୍ନରେ ସିମୀତ କରାଯିବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଜନଶୁଣାଣିରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧. ଜଳଭଣ୍ଡାର ପ୍ରକଳ୍ପ ନିର୍ମାଣରେ ପ୍ରଭାବିତ ମୌଜା ରେ ପର୍ଯ୍ୟଟନର ବିକାଶ କରିବା ପାଇଁ ଜଳ ସମ୍ପଦ ବିଭାଗକୁ ପ୍ରସ୍ତାବ ପଠାଇବା ପାଇଁ ବୈଠକରେ ଆଲୋଚନା କାରଗଲା ।

୨. ଜଳଭଣ୍ଡାର ପ୍ରକଳ୍ପ ନିର୍ମାଣରେ ପ୍ରଭାବିତ ପରିବାର ଗୁଡିକର ଦାବି ଉପରେ ଆଲୋଚନା କରାଯାଇ ଯେପରି ସେମାନେ ନିଜ ନିଜ ଜମିର ଉଚିତ ବଜାର ଦରରେ କ୍ଷତି ପୂରଣ ପାଇ ପାରିବେ, ସେ ସମ୍ପର୍କେ ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର ଙ୍କ ଦୃଷ୍ଟି ଆକର୍ଷଣ କରାଗଲା ।

୩. ଗୁପ୍ତମାଣିକ ମୌଜାର ମହୁଲପଡା ଗ୍ରାମର ଓ ବୋରକ୍ଷ ଗ୍ରାମ ର ବିସ୍ଥାପିତ ହେବାକୁ ଥିବା ପ୍ରଜାମାନଙ୍କର ଦାବି ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଗୋଡିବନ୍ଧ ଓ ଜେନାପାଳ ଗ୍ରାମରେ ଉପଯୁକ୍ତ ପରିବେଶ ଓ ଜମି ଅଭାବଥିବାରୁ ନିକଟସ୍ଥ କଂସେଇଲୋ ଗ୍ରାମରେ ସେମାନଙ୍କୁ ଅବସ୍ଥାପିତ କରିବା ନିମନ୍ତେ ବୈଠକରେ ଆଲୋଚନା କରାଗଲା । ଏହିପାଇଁ ପୁନର୍ବାସ ଓ ଥଇଥାନ ପକ୍ରିୟା ମଧ୍ୟମରେ ନୂତନ ନିୟମ ଅନୁଯାୟୀ ନିକଟସ୍ଥ କଂସେଇଲୋ ଗ୍ରାମରେ ସରକାରୀ ଜମି ଥିବାରୁ ସେମାନଙ୍କୁ ଅବସ୍ଥାପିତ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର ଙ୍କୁ ଉପଯୁକ୍ତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଗଲା ।

୪. ଜଳଭଣ୍ଡାର ପ୍ରକଳ୍ପ ନିର୍ମାଣରେ କ୍ଷତିପୂରଣ ପାଇବା ନିମନ୍ତେ ସଦ୍ଧଲିପି ପ୍ରସ୍ତୁତି କରିବା ପାଇଁ ତହସିଲରେ ବକେୟା ଥିବା ମକଦ୍ଦମା ମାନ ତୁରନ୍ତ ଫଇସଲା କରିବା ପାଇଁ ତହସିଲଦାର, ନରସିଂହପୁର ଙ୍କୁ ଉଚିତ ପଦକ୍ଷପ ନେବା ନିମନ୍ତେ ଅନୁରୋଧ କରିବା ପାଇଁ ବୈଠକରେ ନିଷ୍ପତି ନିଆଗଲା ।

୫. ବନ୍ୟ ଜନ୍ତୁ ମାନଙ୍କ ଦାଉରୁ ଚାଷ ଜମି ର ସୁରକ୍ଷା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ଜଳ ସମ୍ପଦ ବିଭାଗ ଓ ବନ ସଂରକ୍ଷଣ ବିଭାଗକୁ ପ୍ରସ୍ତାବ ପଠାଇବା ପାଇଁ ନିଷ୍ପତି ନିଆଗଲା ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।

କଟକ ଜିଲ୍ଲା ନରସିଂହପୁର ତହସିଲ ଅନ୍ତର୍ଗତ ବୁରୁଷ, ସିମିଳିବୋଳ, ଗୁପ୍ତମାଣିକ ଓ ଓଲବ ମୌଜା ରେ ହାଡୁଆ ଜଳସେଚନ ପ୍ରକଳ୍ପ ର ଜଳଭଣ୍ଡାର ନିର୍ମାଣ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ନରସିଂହପୁର,ବଡମ୍ବା ଓ ତିଗିରିଆ ବ୍ଲକ ରେ ଖରିଫ ଏବଂ ରବି ଫସଲ ନିମନ୍ତେ ଆବଶ୍ୟକ ଜଳସେଚନ ହେବା ସହିତ ଚାଷୀ ମାନେ ଉପକୃତ ହେବେ । ଦୀର୍ଘ ଦିନର ପ୍ରତିକ୍ଷିତ ଜଳଭଣ୍ଡାର ପ୍ରକଳ୍ପ ର ନିର୍ମାଣ ଦ୍ୱାରା ନରସିଂହପୁର,ବଡମ୍ବା ଓ ତିଗିରିଆ ବ୍ଲକ ରେ କୃଷି ର ବିକାଶ ସହ ଅର୍ଥନୀତି ର ବିକାଶ ହେବ ବୋଲି ମତବ୍ୟକ୍ତ କରିଛନ୍ତି ।

ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳର ବିକାଶ ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କଲେ ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

୧୪/୦୬/୨୦୧୭

ଅଧକ୍ଷ,

"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"

ହାଡୁଆ ଜଳସେଚନ ପ୍ରକଳ୍ପ,ନରସିଂହପୁର, କଟକ